# ODM PUBLIC SCHOOL

**SESSION : 12**
**CLASS : v**
**SUBJECT : (ଓଡ଼ିଆ)**
**CHAPTER NUMBER: 6**
**CHAPTER NAME:ମାନିଆରୁ ମାଡାମ କ୍ୟୁରୀ**
**SUBTOPIC : ବହି ପ୍ରଶ୍ନଉତ୍ତର,ପ୍ରଶ୍ନ ୩ ଗ,ଘ (ସରଳାର୍ଥ)**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ସରଳାର୍ଥ ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

# ପ୍ରଶ୍ନ୩-(ଗ)ବିଜ୍ଞାନ ଥିଲା-----------------ଜୀବନର ବ୍ରତ ।

ODM EDUCATIONAL GROUP
Changing your Tomorrow

୩ -(ଗ) ଉକ୍ତ ଗଦ୍ୟାଂଶଟି ଆମ ପଠିତ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ଵାରା ଲିଖିତ 'ମାନିଆ ରୁ ମାଡାମ କ୍ୟୁରୀ'ବିଷୟରୁ ଆସିଅଛି ।ଏଠାରେ ଲେଖକ ମାନିଆଙ୍କ ଜୀବନର ମହତ ଉଦ୍ଦେଶ୍ୟ ସଂପର୍କରେ ବର୍ଣ୍ଣନା କରିଛନ୍ତି ।

ମାନିଆଙ୍କ ପାଠପଢା ଥିଲା ଗୋଟାଏ ନିଶା।ବହୁ ଅଭାବ ଅନଟନ ମଧ୍ୟରେ ସେ ପାଠ ପଢିଥିଲେ । ଭୋକ ଉପାସରେ ଦେହ କ୍ଷୀଣ ହୋଇଯାଇଥିଲା । ଅଭାବ ଓ ଦାରିଦ୍ର୍ୟ ସହିତ ଲଢି ଶେଷରେ ବିଜୟମଣ୍ଡିତା ହେଲେ । ସରବନ୍ ବିଶ୍ଵବିଦ୍ୟାଳୟରୁ ସେ ପଦାର୍ଥବିଜ୍ଞାନ ରେ ପ୍ରଥମ ଶ୍ରେଣୀରେ ଏମ୍.ଏସ୍.ସି. ପାସ୍ କଲେ । ବିଜ୍ଞାନ ତାଙ୍କ ଜୀବନର ପ୍ରାଣ ସ୍ୱରୂପ ଥିଲା । ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା ଗବେଷଣା । ଅଧିକରୁ ଅଧିକ ଜ୍ଞାନ ଆହରଣ କରିବା ତାଙ୍କ ଜୀବନର ବ୍ରତ ଥିଲା । ଅଭାବ ଓ ଦାରିଦ୍ର୍ୟ ତାଙ୍କୁ ଏଥିରୁ ବଞ୍ଚିତ କରିପାରି ନ ଥିଲା ।

ଏଠାରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଛି ।

# ପ୍ରଶ୍ନ୩-(ଘ) ଦୀପଟିଏ ପରି ----------------ଅଲିଭା ଆଲୋକ ।

ODM EDUCATIONAL GROUP
Changing your Tomorrow

୩-(ଘ)ଉକ୍ତ ଗଦ୍ୟାଂଶଟି ଆମ ପଠିତ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ଵାରା ଲିଖିତ 'ମାନିଆରୁ ମାଡାମ କ୍ୟୁରୀ' ବିଷୟରୁ ଆସିଅଛି । ଏଠାରେ ଲେଖକ ମାନିଆଙ୍କ ମହନୀୟ ତ୍ୟାଗ ବିଷୟରେ ବର୍ଣ୍ଣନା କରିଛନ୍ତି ।

ବହୁ ଘାତପ୍ରତିଘାତ ଅଭାବ ଅନଟନ ମଧ୍ୟରେ ମାନିଆ ପାଠ ପଢିଥିଲେ।ସବୁବେଳେ ସେ ଶ୍ରେଣୀରେ ପ୍ରଥମ ହେଉଥିଲେ । କଲେଜ ପାଠପଢା ସାରି ମାନିଆ ଗବେଷଣା କାର୍ଯ୍ୟରେ ମନ ଦେଲେ । ସ୍ଵାମୀଙ୍କ ସହିତ ଗବେଷଣା କରି ସେ ଦୁହେଁ ଆବିଷ୍କାର କଲେ ରେଡିୟମ । ସେମାନଙ୍କୁ ମିଳିଲା ପୃଥିବୀର ସର୍ବଶ୍ରେଷ୍ଠ ସମ୍ମାନ ନୋବେଲ୍ ପୁରସ୍କାର । ରେଡିୟମର ସଂସର୍ଗରେ ବାରମ୍ବାର ଆସିବାରୁ ମାରାତ୍ମକ ବିଷ ତାଙ୍କ ଦେହରେ ଚରିଗଲା । ଶେଷରେ ସେ ମୃତ୍ୟୁବରଣ କଲେ । ଦୀପଟିଏ ପରି ସେ ଜଳି ଜଳି ଜଗତକୁ ଦେଇଗଲେ ଏକ ଅଲିଭା ଆଲୋକ । ଯାହାର ନାମ ରେଡିୟମ ।

ଏଠାରେ ଲେଖକଙ୍କ ବର୍ଣ୍ଣନାଟି ମନଛୁଆଁ ହୋଇଛି ।

# ଗୃହକର୍ମ

ସରଳାର୍ଥ ଖାତାରେ କର ଓ ମନେରଖ ।

# LEARNING OUTCOME:

ସରଳାର୍ଥ ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP